# NATIONAL NEWS BULLETIN (ODIA)

## 11 July 2026

## Morning Bulletin : 7.15 A.M.

*****************************

## ମୁଖ୍ୟ ସମ୍ବାଦ

- ନ୍ୟୁଜିଲ୍ୟାଣ୍ଡର ଅକ୍‌ଲ୍ୟାଣ୍ଡ୍‌ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ତାଙ୍କ ପ୍ରତିପକ୍ଷ ଖ୍ରୀଷ୍ଟୋଫର ଲକ୍ସନଙ୍କ ମଧ୍ୟରେ ଦ୍ୱିପାକ୍ଷିକ ଆଲୋଚନା ଜାରି
- ଦେଶର ସାମୁଦ୍ରିକ ସୁରକ୍ଷାକୁ ଆହୁରି ସୁଦୃଢ଼ କରିବା ପାଇଁ  ସରକାର ପ୍ରତିବଦ୍ଧ, କହିଲେ ସ୍ୱରାଷ୍ଟ୍ରମନ୍ତ୍ରୀ
- ନୌସେନାରେ ଆଜି ସାମିଲ ହେବ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଆଇଏନ୍‌ଏସ୍ ମହେନ୍ଦ୍ରଗିରି
- ୧୦ଟି ରାଜ୍ୟରେ ପ୍ରବଳ ବର୍ଷା ହେବା ନେଇ ପାଣିପାଗ ବିଭାଗ ପକ୍ଷରୁ ସତର୍କ ସୂଚନା ଜାରି

ଏବଂ

- ଫିଫା ବିଶ୍ୱକପ୍‌ରେ ବେଲଜିୟମକୁ ୨-୧ ଗୋଲ୍‌ରେ ପରାସ୍ତ କରି ସେମିଫାଇନାଲ୍‌ରେ ପ୍ରବେଶ କଲା ସ୍ପେନ୍

# ପିଏମ୍ ମୋଦି ନିଉଜିଲ୍ୟାଣ୍ଡ୍ ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କ ନିଉଜିଲ୍ୟାଣ୍ଡ ପ୍ରତିପକ୍ଷ ଖ୍ରୀଷ୍ଟୋଫର ଲକ୍ସନଙ୍କ ସହ ଅକ୍‌ଲ୍ୟାଣ୍ଡ୍‌ରେ ଆଜି ଦ୍ୱିପକ୍ଷୀୟ ଆଲୋଚନା କରୁଛନ୍ତି । ଉଭୟ ନେତା ଦ୍ୱିପାକ୍ଷିକ ସଂପର୍କ କ୍ଷେତ୍ରରେ ଗତ ୨ ବର୍ଷରେ ହୋଇଥିବା ବିକାଶ କାର୍ଯ୍ୟର ସମୀକ୍ଷା କରୁଥିବା ଜଣାପଡ଼ିଛି । ବିଶେଷକରି ବ୍ୟବସାୟ ଓ ବାଣିଜ୍ୟ ଏବଂ ପ୍ରତିରକ୍ଷା କ୍ଷେତ୍ରରେ ଉଭୟ ଦେଶ କରିଥିବା ଅଗ୍ରଗତି ଆଲୋଚନାର ପ୍ରମୁଖ ପ୍ରସଙ୍ଗ ରହିଛି । ଶ୍ରୀ ମୋଦୀ ଆଜି ସେଠାରେ ପ୍ରମୁଖ ବ୍ୟବସାୟୀକ ଏବଂ କ୍ରୀଡ଼ା କ୍ଷେତ୍ରର ବ୍ୟକ୍ତିତ୍ୱଙ୍କ ସହ ଆଲୋଚନା କରିବେ । ସେଠାରେ ଭାରତୀୟ ସଂପ୍ରଦାୟକୁ ଶ୍ରୀ ମୋଦୀ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି ।

ଅଷ୍ଟ୍ରେଲିଆ ଏବଂ ଇଣ୍ଡୋନେସିଆ ଗସ୍ତ କରିବା ପରେ ତ୍ରିରାଷ୍ଟ୍ରୀୟ ଗସ୍ତର ତୃତୀୟ ତଥା ଅନ୍ତିମ ପର୍ଯ୍ୟାୟରେ ପ୍ରଧାନମନ୍ତ୍ରୀ ମୋଦୀ ଗତକାଲି ଅକ୍‌ଲ୍ୟାଣ୍ଡରେ ପହଞ୍ଚିଥିଲେ । ନିଉଜିଲ୍ୟାଣ୍ଡ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କୁ ବିମାନ ବନ୍ଦରରେ ସ୍ୱାଗତ କରିଥିବା ବେଳେ ପ୍ରବାସୀ ଭାରତୀୟମାନେ ବହୁସଂଖ୍ୟାରେ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ ।

ଏହି ଅବସରରେ ଶ୍ରୀ ମୋଦୀ ନିଉଜିଲ୍ୟାଣ୍ଡରେ ଭାରତର ସମୃଦ୍ଧ ସାଂସ୍କୃତିକ ଐତିହ୍ୟର ପ୍ରଚାର ପ୍ରସାର କରୁଥିବା ପ୍ରବାସୀ ଭାରତୀୟମାନଙ୍କୁ

ପ୍ରଶଂସା କରିଥିଲେ । ପ୍ରଧାନମନ୍ତ୍ରୀଙ୍କ ଗସ୍ତ ଅବସରରେ ନିଉଜିଲ୍ୟାଣ୍ଡର ପ୍ରସିଦ୍ଧ ସ୍କାଏ ଟାୱାରକୁ ତ୍ରିରଙ୍ଗା ଆଲୋକରେ ସଜ୍ଜିତ କରାଯାଇଥିଲା । ଗତ ୪୦ବର୍ଷ ମଧ୍ୟରେ କୌଣସି ଭାରତୀୟ ପ୍ରଧାନମନ୍ତ୍ରୀଙ୍କ ଏହା ପ୍ରଥମ ନିଉଜିଲ୍ୟାଣ୍ଡ ଗସ୍ତ ।

ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ ସାମାଜିକ ଗଣମାଧ୍ୟମରେ ଆଲୋକିତ ସ୍କାଏ ଟାୱାରର ଦୃଶ୍ୟ ଶେୟାର କରି କହିଛନ୍ତି, ଏହା ଉଭୟ ଦେଶ ମଧ୍ୟରେ ଥିବା ବନ୍ଧୁତ୍ୱପୂର୍ଣ୍ଣ ଏବଂ ବୃଦ୍ଧି ପାଉଥିବା ଭାଗିତାରିତା ପ୍ରଦର୍ଶନ କରୁଛି ।

## ଏଚ୍‌ଏମ୍-ପୋର୍ଟ ସିକ୍ୟୁରିଟି

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା କହିଛନ୍ତି, ଦେଶର ସାମୁଦ୍ରିକ ସୁରକ୍ଷାକୁ ଆହୁରି ଦୃଢ଼ କରିବା ପାଇଁ ସରକାର ପ୍ରତିବଦ୍ଧ ଅଟନ୍ତି । ଗତକାଲି ବନ୍ଦର ସୁରକ୍ଷା ବ୍ୟୁରୋ ସ୍ଥାପନାର ବିକାଶ କାର୍ଯ୍ୟ ସମୀକ୍ଷା କରିବା ଅବସରରେ ଶ୍ରୀ ଶାହା କହିଛନ୍ତି, ବନ୍ଦର ସୁରକ୍ଷା କ୍ଷେତ୍ରରେ କେବଳ ଲାଇସେନ୍ସପ୍ରାପ୍ତ ଘରୋଇ ସୁରକ୍ଷା ସଂସ୍ଥାଗୁଡ଼ିକୁ ଦାୟିତ୍ୱ ଦିଆଯିବା ଉଚିତ । ଏ କ୍ଷେତ୍ରରେ କେନ୍ଦ୍ରୀୟ ଶିଳ୍ପ ସୁରକ୍ଷା ବଳକୁ ମୁତୟନ କରାଯିବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି । ବର୍ତ୍ତମାନର ଭିତ୍ତିଭୂମିକୁ ବ୍ୟବହାର କରି ବନ୍ଦର ସୁରକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନରେ ପ୍ରଶିକ୍ଷଣ କାର୍ଯ୍ୟ ଆରମ୍ଭ କରିବା ଲାଗି ଶ୍ରୀ ଶାହା ନିର୍ଦ୍ଦେଶ ଦେଇଛନ୍ତି । ଅନ୍ୟପକ୍ଷରେ ବନ୍ଦର ସୁରକ୍ଷା ଲାଗି ବିଭିନ୍ନ ସ୍ଥାନରେ ମୁତୟନ ହେଉଥିବା ସୁରକ୍ଷା ଅଧିକାରୀମାନଙ୍କ ଏକ ଡାଟାବେସ୍ ପ୍ରସ୍ତୁତ

କରିବା ଲାଗି ମନ୍ତ୍ରୀ ଶ୍ରୀ ଶାହା ନିର୍ଦ୍ଦେଶ ଦେଇଛନ୍ତି । ଦେଶର ପ୍ରମୁଖ ବନ୍ଦର ସମେତ ବିଶାଖାପତନମ୍ ବନ୍ଦର, ଜବାହରଲାଲ ନେହେରୁ ବନ୍ଦର ଏବଂ ମୁନ୍ଦ୍ରା ବନ୍ଦରରେ ପରୀକ୍ଷାମୂଳକ ଭାବେ କଣ୍ଟେନର ସ୍କାନିଙ୍ଗ୍ ବ୍ୟବସ୍ଥା ଆରମ୍ଭ କରିବାକୁ ଶ୍ରୀ ଶାହା ପରାମର୍ଶ ଦେଇଛନ୍ତି । ବୈଠକରେ କେନ୍ଦ୍ର ବନ୍ଦର, ଜାହାଜ ଏବଂ ଜଳମାର୍ଗ ମନ୍ତ୍ରୀ ସର୍ବାନନ୍ଦ ସୋନଓ୍ୱାଲ, ଗୃହ ବିଭାଗ ସଚିବ ପ୍ରମୁଖ ଉପସ୍ଥିତ ଥିଲେ ।

## ବିଜେପି ବାଇପୋଲ୍-କ୍ୟାଣ୍ଡିଡେଟ୍

ବିଜେପି ପକ୍ଷରୁ ବିହାର ବାଙ୍କିପୁର ବିଧାନସଭା ଉପନିର୍ବାଚନ ନିମନ୍ତେ ନିରଜ କୁମାର ସିହ୍ନାଙ୍କୁ ପ୍ରାର୍ଥୀ ଘୋଷଣା କରାଯାଇଛି । ମଧ୍ୟପ୍ରଦେଶର ଦାତିୟା ବିଧାନସଭା ଆସନ ଉପନିର୍ବାଚନ ପାଇଁ ଆଶୁତୋଷ ତିଓ୍ୱାରୀଙ୍କୁ ପ୍ରାର୍ଥୀ କରାଯାଇଛି । ଚଳିତମାସ ୩୦ ତାରିଖରେ ବିହାରର ବାଙ୍କିପୁର, ମଧ୍ୟପ୍ରଦେଶର ଦାତିଆ ଏବଂ ଗୁଜରାଟର ମଂଜଲପୁର ବିଧାନସଭା ଆସନ ନିମନ୍ତେ ଉପନିର୍ବାଚନ ଅନୁଷ୍ଠିତ ହେବ ।

## ରାଜନାଥ ମହେନ୍ଦ୍ରଗିରି ଇଣ୍ଡକ୍ସନ

ଭାରତୀୟ ନୌସେନା ସ୍ୱଦେଶୀ ନିର୍ମିତ ଷ୍ଟିଲ୍‌ଥ ଫ୍ରିଗେଟ୍ ଆଇଏନ୍‌ଏସ୍ ମହେନ୍ଦ୍ରଗିରିକୁ ଆଜି ଆନ୍ଧ୍ରପ୍ରଦେଶର ବିଶାଖାପତନମ୍‌ରେ ପୂର୍ବ ନୌସୈନିକ ପୋତ ସମୂହରେ ସାମିଲ କରାଯିବ । ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ ଏହି ସମାରୋହରେ ଅଧକ୍ଷତା କରିବେ । ଏହା ଭାରତର

ପ୍ରତିରକ୍ଷା ଆତ୍ମନିର୍ଭରତା ଦିଗରେ ଏକ ମହତ୍ତ୍ୱପୂର୍ଣ୍ଣ ଉପଲବ୍ଧି ବୋଲି ବିବେଚନା କରାଯାଉଛି ।

ସମାରୋହ ପୂର୍ବରୁ ବିଶାଖାପତନମ୍‌ରେ ଗତସନ୍ଧ୍ୟାରେ ପ୍ରତିରକ୍ଷାମନ୍ତ୍ରୀ ନୌସୈନିକମାନଙ୍କୁ ଉଦ୍‌ବୋଧନ ଦେଇ କହିଛନ୍ତି, ଆଇଏନ୍‌ଏସ୍ ମହେନ୍ଦ୍ରଗିରି ଭାରତର ସ୍ୱଦେଶୀ ପ୍ରତିରକ୍ଷା ନିର୍ମାଣ କ୍ଷମତାର ପ୍ରତୀକ । ୭୫ ପ୍ରତିଶତରୁ ଅଧିକ ସ୍ୱଦେଶୀ ସାମଗ୍ରୀ ବ୍ୟବହାର କରାଯାଇ ଏହି ଆଧୁନିକ ଯୁଦ୍ଧପୋତ ନିର୍ମାଣ କରାଯାଇଛି । ଏହା ସାମୁଦ୍ରିକ ଅଭିଯାନ କ୍ଷେତ୍ରରେ ସଫଳତାପୂର୍ବକ କାର୍ଯ୍ୟ କରିବ ବୋଲି ମନ୍ତ୍ରୀ ଶ୍ରୀ ସିଂ ଆଶା ପ୍ରକାଶ କରିଛନ୍ତି । ଏହି ଅବସରରେ ପ୍ରତିରକ୍ଷାମନ୍ତ୍ରୀ ଦେଶର ସୁରକ୍ଷା ଏବଂ ସୁରକ୍ଷିତ ସାମୁଦ୍ରିକ ପରିବେଶ ସୃଷ୍ଟି ଲାଗି ନୌସୈନିକମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

ସେ କହିଛନ୍ତି, ଭାରତର ୯୦ ପ୍ରତିଶତରୁ ଅଧିକ ବ୍ୟବସାୟିକ କାର୍ଯ୍ୟ ସମୁଦ୍ର ମାର୍ଗରେ ହୋଇଥାଏ । ବିଶ୍ୱରେ ସାମୁଦ୍ରିକ କ୍ଷେତ୍ରକୁ ନେଇ ପ୍ରତିଯୋଗିତା ବୃଦ୍ଧି ପାଇଥିବାବେଳେ ଦେଶର ସାମୁଦ୍ରିକ କ୍ଷେତ୍ରକୁ ଅଧିକ ସୁରକ୍ଷିତ କରିବା ଲାଗି ଶ୍ରୀ ସିଂ ଆହ୍ୱାନ ଦେଇଛନ୍ତି । ଏହି ଅବସରରେ ନୌସେନା ମୁଖ୍ୟ ଆଡ୍‌ମିରାଲ୍ କ୍ରିଷ୍ଣା ସ୍ୱାମିନାଥନ, ଇଷ୍ଟର୍ଣ୍ଣ ନାଭାଲ୍ କମାଣ୍ଡ୍‌ର ଫ୍ଲାଗ୍ ଅଫିସର ଭାଇସ୍ ଆଡ୍‌ମିରାଲ୍ ସଞ୍ଜୟ ଭଲ୍ଲା ଏବଂ ନୌସେନାର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

## କୋଲ୍ ଅକ୍ସନ

କୋଇଲା ମନ୍ତ୍ରଣାଳୟ ବାଣିଜ୍ୟିକ କୋଇଲା ବ୍ଲକ୍ ନିଲାମର  ପଞ୍ଚଦଶ ପର୍ଯ୍ୟାୟ ପାଇଁ ବିଡ୍ ଆରମ୍ଭ କରିଛି । ତ୍ରୟୋଦଶ ଏବଂ ଚତୁର୍ଦ୍ଦଶ ପର୍ଯ୍ୟାୟର ଦ୍ୱିତୀୟ ପ୍ରୟାସ ସ୍ୱରୂପ ଏହି ବିଡ୍ କରାଯାଇଛି । ମନ୍ତ୍ରଣାଳୟର ସୂଚନା ଅନୁଯାୟୀ ଏହି ପର୍ଯ୍ୟାୟରେ ପ୍ରଦାନ କରାଯାଇଥିବା ୨୩ଟି କୋଇଲା ବ୍ଲକ୍ ମଧ୍ୟରୁ ୮ଟି ପାଇଁ ୨୧ଟି ବିଡ୍ ଗ୍ରହଣ କରାଯାଇଛି । ଏହି ନିଲାମ ପ୍ରକ୍ରିୟାରେ ୧୬ଟି କମ୍ପାନୀ ଅଂଶ ଗ୍ରହଣ କରିଥିଲେ ।

## ମେଘୱାଲ-ଏଆଇ

କେନ୍ଦ୍ର ଆଇନ ଏବଂ ନ୍ୟାୟ ରାଷ୍ଟ୍ରମନ୍ତ୍ରୀ ଅର୍ଜ୍ଜୁନରାମ ମେଘୱାଲ କହିଛନ୍ତି, ବିଜ୍ଞାନ ଓ ସମାଜ ଏକତ୍ର ବିକଶିତ ହେବା ସହ ପ୍ରଯୁକ୍ତିବିଦ୍ୟା ମାନବ ଜୀବନର ଅବିଚ୍ଛେଦ୍ୟ ଅଂଶ ପାଲଟିଛି । ନୂଆଦିଲ୍ଲୀରେ ଏକ ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ଶ୍ରୀ ମେଘୱାଲ କହିଛନ୍ତି, ଆଜିର ସମୟର ଆହ୍ୱାନ ହେଉଛି କୃତ୍ରିମ ବୁଦ୍ଧିମତ୍ତାକୁ ସୁଯୋଗରେ ପରିଣତ କରିବା ଏବଂ ଦେଶର ସଭ୍ୟତା ଓ ସାଂସ୍କୃତିକ ଐତିହ୍ୟକୁ ସଂରକ୍ଷଣ କରିବା ଦିଗରେ ଏହା ଯଥୋଚିତ ବ୍ୟବହାର କରିବା । ସେ କହିଛନ୍ତି ଏ.ଆଇ.କୁ ଅନ୍ତର୍ଭୁକ୍ତିକରଣ ଓ ସ୍ଥାୟୀ ବିକାଶ ପାଇଁ ବ୍ୟବହାର କରିବା ଲାଗି ଧ୍ୟାନ ଦିଆଯିବା ଉଚିତ ।

ଏହି ଅବସରରେ କେନ୍ଦ୍ର ମହିଳା ଏବଂ ଶିଶୁ ବିକାଶ ରାଷ୍ଟ୍ରମନ୍ତ୍ରୀ ସାବିତ୍ରୀ ଠାକୁର କହିଛନ୍ତି ମହିଳାମାନେ ନୂତନ ପ୍ରଯୁକ୍ତିବିଦ୍ୟା ବ୍ୟବହାର କ୍ଷେତ୍ରରେ ସୀମିତ ନ ରହି ନିଜସ୍ୱ ବିକାଶ ଲାଗି ଏଥିରେ ସକ୍ରିୟ ଭାବେ ଅଂଶ ଗ୍ରହଣ କରିବା ଉଚିତ । ସେ କହିଛନ୍ତି, ସରକାର ଇଣ୍ଡିଆ ଏ.ଆଇ. ମିଶନ ଅଧୀନରେ କୃତ୍ରିମ ବୁଦ୍ଧିମତ୍ତା ସମ୍ବନ୍ଧିତ ଭିତ୍ତିଭୂମିକୁ ସୁଦୃଢ଼ କରିବା ସହ ଦେଶରେ ଏ.ଆଇ. ଇକୋସିଷ୍ଟମ୍‌ର ବିକାଶ କରୁଛନ୍ତି ।

## ମଷ୍ଟ ଆନାଉନ୍ସମେଣ୍ଟ

ପ୍ରକୃତି କି ବାତ୍ ଆକାଶବାଣୀ କେ ସାଥ୍ ଧାରାବାହିକ କାର୍ଯ୍ୟକ୍ରମର ଅଂଶ ସ୍ୱରୂପ ଆଜି ପରିବେଶବିତ୍ ଆଶୀଷ ଅଗ୍ରୱାଲଙ୍କ ସହ ସାକ୍ଷାତ ଆଲୋଚନା ପ୍ରଚାର କରାଯିବ । ଶ୍ରୀ ଅଗ୍ରୱାଲ ଲୋକମାନଙ୍କୁ ପରିବେଶ ଅନୁକୂଳ ଜୀବନଶୈଳୀ ଆପଣେଇବାକୁ ଉତ୍ସାହିତ କରିଆସୁଛନ୍ତି । ଏହି କାର୍ଯ୍ୟକ୍ରମ ଆଜି ସକାଳ ୯ଟା ୧୦ ମିନିଟ୍‌ରେ ୧୦୦ ଦଶମିକ ୧ ଆକାଶବାଣୀ ଗୋଲ୍ଡ ଚ୍ୟାନେଲ୍‌ରେ ପ୍ରଚାର କରାଯିବ । news on air ଆପ୍ ଏବଂ news on air official ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ମଧ୍ୟ ଏହି କାର୍ଯ୍ୟକ୍ରମ ପ୍ରସାରିତ ହେବ ।

## ୱେଦର

ଦେଶର ୧୦ଟି ରାଜ୍ୟରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବା ନେଇ ପାଣିପାଗ ବିଭାଗ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି । ସେହି

ରାଜ୍ୟଗୁଡ଼ିକ ହେଉଛି ବିହାର, ଉତ୍ତରପ୍ରଦେଶ, ଆସାମ, ମେଘାଳୟ, ନାଗାଲ୍ୟାଣ୍ଡ, ମଣିପୁର, ମିଜୋରାମ, ତ୍ରିପୁରା, ପଶ୍ଚିମବଙ୍ଗ ଏବଂ ସିକିମ୍ । ଆସନ୍ତା ୩ରୁ ୪ ଦିନ ପର୍ଯ୍ୟନ୍ତ ବର୍ଷା ଲାଗିରହିବ ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି । ସେହି ସମୟ ମଧ୍ୟରେ ଓଡ଼ିଶା ସମେତ ପାର୍ଶ୍ୱବର୍ତ୍ତୀ ରାଜ୍ୟଗୁଡ଼ିକର କେତେକ ସ୍ଥାନରେ ମଧ୍ୟ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବା ନେଇ ଅନୁମାନ କରାଯାଇଛି ।

# ଭିପି-ବିହାର ଭିଜିଟ୍

ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ ଆଜି ଦିନିକିଆ ବିହାର ଗସ୍ତରେ ଯିବେ । ଗସ୍ତ କାଳରେ ଉପରାଷ୍ଟ୍ରପତି ଗୟାଠାରେ ବିହାର ବିଧାନସଭାର ନିର୍ବାଚିତ ସଦସ୍ୟମାନଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ଉଦ୍‌ବୋଧନ ଦେବାର କାର୍ଯ୍ୟସୂଚୀ ରହିଛି ।

# ମେଘୱାଲ-ମନ୍‌ସୁନ୍ ସେସନ

ସଂସଦର ମୌସୁମୀ ଅଧିବେଶନ ଆସନ୍ତା ୨୦ ତାରିଖରୁ ଆରମ୍ଭ ହେବାକୁ ଥିବାରୁ ସଂସଦୀୟ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ଏବଂ ଡକ୍ଟର ଏଲ୍. ମୁରୁଗାନ ଆଜି ସଂସଦ ଭବନ ପରିସରରେ ଏହାର ପ୍ରସ୍ତୁତି ସମ୍ପର୍କରେ ସମୀକ୍ଷା କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମେଘୱାଲ କହିଛନ୍ତି, ଆଗାମୀ ଅଧିବେଶନ ଲାଗି ସଂସଦରେ ହେବାକୁ ଥିବା ବିଭିନ୍ନ ବୈଧାନିକ କାର୍ଯ୍ୟର ବିସ୍ତୃତ ସମୀକ୍ଷା କରିବା ସହିତ ଏଥିଲାଗି

ଆବଶ୍ୟକ ନିର୍ଦ୍ଦେଶାବଳୀ ମଧ୍ୟ ଜାରି କରାଯାଇଛି । ସଂସଦର ମୌସୁମୀ ଅଧିବେଶନ ଆସନ୍ତା ମାସ ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ ।

## ଫିଫା ବିଶ୍ୱକପ୍

ଫିଫା ବିଶ୍ୱକପ୍‌ରେ ଗତକାଲି ଲସ୍ ଆଞ୍ଜେଲ୍‌ସରେ ଅନୁଷ୍ଠିତ ଦ୍ୱିତୀୟ କ୍ୱାର୍ଟର ଫାଇନାଲ୍‌ରେ ସ୍ପେନ୍ ୨-୧ ଗୋଲ୍‌ରେ ବେଲ୍‌ଜିୟମକୁ ପରାସ୍ତ କରି ସେମିଫାଇନାଲ୍‌ରେ ପହଞ୍ଚିଛି । ଖେଳର ମଧ୍ୟାନ୍ତର ସୁଦ୍ଧା ଉଭୟ ଦଳ ଗୋଟିଏ ଲେଖାଏଁ ଗୋଲ୍ ଦେଇଥିବା ବେଳେ ଶେଷ ୩୦ ମିନିଟ୍‌ରେ ସ୍ପେନ୍ ଦ୍ୱିତୀୟ ଗୋଲ୍ କରିଥିଲା । ପୂର୍ବରୁ ଫ୍ରାନ୍ସ ପ୍ରଥମ କ୍ୱାର୍ଟର ଫାଇନାଲ୍‌ରେ ୨-୦ ଗୋଲ୍‌ରେ ମରକୋକୁ ପରାସ୍ତ କରି ସେମିଫାଇନାଲ୍‌ରେ ପହଞ୍ଚି ସାରିଛି । ଆଜି ଭାରତୀୟ ସମୟ ରାତି ୨ଟା ୩୦ ମିନିଟ୍‌ରେ ନରୱେ ଏବଂ ଇଂଲଣ୍ଡ ମଧ୍ୟରେ ତୃତୀୟ କ୍ୱାର୍ଟର ଫାଇନାଲ୍ ଅନୁଷ୍ଠିତ ହେବାକୁ ଥିବା ବେଳେ ଆସନ୍ତାକାଲି ଆର୍ଜେଣ୍ଟିନା ଏବଂ ସ୍ୱିଜରଲ୍ୟାଣ୍ଡ ମଧ୍ୟରେ ଚତୁର୍ଥ କ୍ୱାର୍ଟର ଫାଇନାଲ୍ ଖେଳାଯିବ ।

## ୱିମେନ୍ସ କ୍ରିକେଟ୍ ଟେଷ୍ଟ

ଲଣ୍ଡନର ଲର୍ଡସ୍ କ୍ରିକେଟ୍ ପଡ଼ିଆରେ ଗତକାଲି ଆରମ୍ଭ ହୋଇଥିବା ପ୍ରଥମ ମହିଳା ଟେଷ୍ଟର ଆଜି ଦ୍ୱିତୀୟ ଦିନରେ ଭାରତର ୨୮୫ ରନ୍‌ର ଜବାବରେ ଇଂଲଣ୍ଡ ଦଳ ବ୍ୟାଟିଂ ଜାରି ରଖିବ । ଭାରତୀୟ ସମୟ ଅପରାହ୍ଣ ୩ଟା ୩୦ ମିନିଟ୍‌ରେ ଖେଳ ଆରମ୍ଭ ହେବ । ଗତକାଲି ଇଂଲଣ୍ଡ

ଖେଳ ଶେଷ ହେବା ପୂର୍ବରୁ ୧୧ ଓଭର୍ ବ୍ୟାଟିଂ କରିଥିଲା । ଭାରତର ସ୍ମୃତି ମନ୍ଧାନା ୮୩ ରନ୍ ସ୍କୋର କରିଥିବା ବେଳେ ଅଧିନାୟିକା ହର୍ମନପ୍ରୀତ୍ କୌର ଏବଂ ଦୀପ୍ତି ଶର୍ମା ଅର୍ଦ୍ଧଶତକ ହାସଲ କରିଥିଲେ ।

# ୱିମ୍ବିଲ୍ଡନ-ୱିମେନ୍ସ

ୱିମ୍ବିଲ୍ଡନ ଟେନିସ୍‌ର ମହିଳା ଏକକ ଫାଇନାଲ୍‌ରେ ଚେକ୍ ଗଣରାଜ୍ୟର କାରୋଲିନା ମୁକୋବା ଏବଂ ଲିଣ୍ଡା ନୋସ୍କୋବାଙ୍କ ମଧ୍ୟରେ ଆଜି ଲଣ୍ଡନରେ ମ୍ୟାଚ୍ ଅନୁଷ୍ଠିତ ହେବ । ଉଭୟ ଖେଳାଳି ପ୍ରଥମଥର ପାଇଁ ୱିମ୍ବିଲ୍ଡନ ଫାଇନାଲ୍‌ରେ ପହଞ୍ଚିଛନ୍ତି । ମୁକୋଭା ତାଙ୍କର ପ୍ରଥମ ୱିମ୍ବିଲ୍ଡନ ଫାଇନାଲ୍ ଖେଳିବାକୁ ଥିବା ବେଳେ ନୋସ୍କୋବା ପ୍ରଥମ ଗ୍ରାଣ୍ଡ ସ୍ଲାମ୍ ଟାଇଟଲ୍ ହାସଲ ପାଇଁ ଉଦ୍ୟମ କରିବେ ।

ସେହିପରି ପୁରୁଷ ସିଙ୍ଗିଲ୍‌ସ ଫାଇନାଲ୍ ଆସନ୍ତାକାଲି ଅନୁଷ୍ଠିତ ହେବ । ସେଥିରେ ବିଶ୍ୱର ଏକନମ୍ବର ମାନ୍ୟତାପ୍ରାପ୍ତ ଖେଳାଳି ଜାନିକ ସିନର୍ ଓ ଜର୍ମାନର ଆଲେକ୍‌ଜାଣ୍ଡାର ଜ୍ୱେରେବଙ୍କ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ । ଉଭୟ ଖେଳାଳି ପ୍ରଥମଥର ପାଇଁ ୱିମ୍ବିଲ୍ଡନ୍ ଟାଇଟଲ୍ ହାସଲ ଲାଗି ଉଦ୍ୟମ କରିବେ ।